# NATIONAL NEWS BULLETIN (ODIA)

## 08th June’ 2026

## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ଜନ ସହଯୋଗ, ନବସୃଜନ, ଉଦ୍ୟମିତା ଓ ସାମୂହିକ ସଙ୍କଳ୍ପ ମାଧ୍ୟମରେ ବିକଶିତ ଭାରତ ଲକ୍ଷ୍ୟ ପୂରଣ ହୋଇପାରିବ; କହିଲେ ଲୋକସଭା ବାଚସ୍ପତି ।

- ଆସନ୍ତା ୭ରୁ ୮ ବର୍ଷ ମଧ୍ୟରେ ୪୫ ବିଲିୟନ୍ ଡଲାରକୁ ବୃଦ୍ଧି ପାଇବ ଭାରତୀୟ ମହାକାଶ ଅର୍ଥନୀତି ।

- ଏନ୍.ଟି.ଏ. ପକ୍ଷରୁ ପ୍ରକାଶ ପାଇଲା ନୀଟ୍-ୟୁ.ଜି.-୨୦୨୬ ପୁନଃ ପରୀକ୍ଷା ସୂଚୀ ।

— ଦେଶର ୫୫୧ଟି ଓ ବିଦେଶର ୪୧ଟି ସହରରେ ଆସନ୍ତା ୨୧ ତାରିଖରେ ହେବ ପରୀକ୍ଷା ।

- ଭାରତର ଆକ୍ଟ ଇଷ୍ଟ ନୀତିରେ ଇଣ୍ଡୋନେସିଆ ଏକ ପ୍ରମୁଖ ସ୍ତମ୍ଭ; କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

ଏବଂ

- ପଶ୍ଚିମବଙ୍ଗରୁ ୪ ହଜାର ୮ ଶହ ଅବୈଧ ପ୍ରବାସୀଙ୍କୁ ବାଂଲାଦେଶ ପଠାଯାଇଥିବା ସୂଚନା ।

## ବିର୍ଲା - କନ୍‌କ୍ଲେଭ୍

ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି, ୨୦୪୭ ସୁଦ୍ଧା ବିକଶିତ ଭାରତ ପୂରଣ ଲକ୍ଷ୍ୟ ଜନ ସହଯୋଗ, ନବସୃଜନ, ଉଦ୍ୟମିତା ଏବଂ ସାମୂହିକ ସଙ୍କଳ୍ପ ମାଧ୍ୟମରେ ସାକାର ହୋଇପାରିବ । ନୂଆଦିଲ୍ଲୀରେ ଏକ ସମ୍ମେଳନକୁ ସମ୍ବୋଧିତ କରି ଶ୍ରୀ ବିର୍ଲା କହିଛନ୍ତି, ଭାରତର ବିକଶିତ ରାଷ୍ଟ୍ର ହେବାର ଯାତ୍ରା ସମାବେଶୀ ବିକାଶ, ସାମାଜିକ ଉତ୍ତରଦାୟିତ୍ୱ ଏବଂ ସକ୍ରିୟ ନାଗରିକ ସହଯୋଗଦ୍ୱାରା ନିର୍ଦ୍ଦେଶିତ ହେବା ଆବଶ୍ୟକ । ଯୁବକମାନଙ୍କ ଭୂମିକା ସମ୍ପର୍କରେ ଶ୍ରୀ ବିର୍ଲା କହିଛନ୍ତି, ଶିକ୍ଷିତ, କୁଶଳୀ ଏବଂ ଉଦ୍ୟୋଗୀ ମନୋବୃତ୍ତିସମ୍ପନ୍ନ ଯୁବପିଢ଼ି ହେଉଛନ୍ତି ୨୦୪୭ ବିକଶିତ ଭାରତର ଦୃଢ଼ଶକ୍ତି । ସେ ଯୁବପିଢ଼ିକୁ ନବସୃଜନ, କୃତ୍ରିମ ବୁଦ୍ଧିମତ୍ତା ଏବଂ ବିକାଶ ଲାଭ କରୁଥିବା ପ୍ରଯୁକ୍ତିବିଦ୍ୟାକୁ ଆପଣାଇବାକୁ ଆହ୍ୱାନ ଦେଇଛନ୍ତି ।

## ଜିତେନ୍ଦ୍ର ସିଂହ - ସ୍ପେସ୍ ଇକୋନୋମୀ

କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି, ଭାରତର ମହାକାଶ ଅର୍ଥନୀତି ବର୍ତ୍ତମାନ ୯ ବିଲିୟନ୍ ଡଲାର ନିକଟବର୍ତ୍ତୀ ହୋଇଥିବାବେଳେ ଆସନ୍ତା ୭ରୁ ୮ ବର୍ଷ ମଧ୍ୟରେ ଏହା ୪୫ ବିଲିୟନ୍ ଡଲାରକୁ ବୃଦ୍ଧି ପାଇବ । ସେ କହିଛନ୍ତି, ଦେଶର ମହାକାଶ ଷ୍ଟାର୍ଟଅପ୍ ଇକୋ ସିଷ୍ଟମ୍ କିଛିବର୍ଷ ପୂର୍ବେ ଗୋଟିଏ ମାତ୍ର ଥିବାବେଳେ ଏବେ ଏହା ୪ ଶହକୁ ବୃଦ୍ଧି ପାଇଛି । ଗଣମାଧ୍ୟମ ସହ ମୋଦି ସରକାରଙ୍କ ୧୨ ବର୍ଷର ଉପଲବ୍ଧି ସମ୍ପର୍କରେ ଆଲୋଚନା କରି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଓ ସକାରାତ୍ମକ ଚିନ୍ତାଧାରା ଯୋଗୁଁ ଭାରତର ମହାକାଶ ଅର୍ଥନୀତି ସଫଳତା ଆଡ଼କୁ ଗତି କରୁଛି । ସେ କହିଛନ୍ତି, ଦେଶରେ ପ୍ରଯୁକ୍ତିବିଦ୍ୟାର ଦ୍ରୁତ ବିକାଶ ଏବଂ ସ୍ୱଚ୍ଛ ଢଙ୍ଗରେ ହେଉଥିବା ପ୍ରତିଯୋଗିତା ଯୋଗୁଁ ଛୋଟ ଛୋଟ ସହରଗୁଡ଼ିକରୁ ମଧ୍ୟ ଅନେକ ସଂଖ୍ୟାର ପ୍ରଶାସନିକ ସେବା ଅଧିକାରୀ ଚୟନ ହେଉଛନ୍ତି ।

## ଏନ୍.ଟି.ଏ. - ରି-ଏକ୍ଜାମ୍

ନୀଟ୍-ୟୁ.ଜି.-୨୦୨୬ ପୁନଃ ପରୀକ୍ଷାପାଇଁ ଜାତୀୟ ପରୀକ୍ଷଣ ସଂସ୍ଥା-ଏନ୍.ଟି.ଏ. କାର୍ଯ୍ୟସୂଚୀ ପ୍ରକାଶ କରିଛି । ଚଳିତ ମାସ ୨୧ ତାରିଖରେ

ଦେଶର ୫୫୧ଟି ସହର ଏବଂ ବିଦେଶର ୪୧ଟି ସହରରେ ଅପରାହ୍ଣ ୨ଟାରୁ ୫ଟା ପର୍ଯ୍ୟନ୍ତ ଲିଖିତ ପରୀକ୍ଷା ହେବ । ଏନ୍.ଟି.ଏ. ପକ୍ଷରୁ ପରୀକ୍ଷା ସହର ସମ୍ବଳିତ ଇଣ୍ଟିମେସନ ସ୍ଲିପ୍ ଜାରି କରାଯାଇଛି । ତେବେ ଏହା ଆଡ୍‌ମିଟ୍ କାର୍ଡ଼ ନୁହେଁ, କେବଳ ପ୍ରାର୍ଥୀମାନେ କେଉଁ ସହରରେ ପରୀକ୍ଷା ଦେବେ, ତାହା ସୂଚନା ଦିଆଯାଇଛି ବୋଲି କୁହାଯାଇଛି । ପରୀକ୍ଷା ଏବଂ ଆଡ୍‌ମିଟ କାର୍ଡ଼ ଉପଲବ୍ଧତା ନେଇ ସମସ୍ତ ସୂଚନା ଏନ୍.ଟି.ଏ.ର ୱେବ୍‌ସାଇଟ୍‌ରେ ଘୋଷଣା କରାଯିବ ବୋଲି ଏନ୍.ଟି.ଏ. ପକ୍ଷରୁ କୁହାଯାଇଛି । ସୂଚନାଯୋଗ୍ୟ, ଗତମାସ ୩ ତାରିଖରେ ହୋଇଥିବା ନୀଟ୍-ୟୁ.ଜି. ପ୍ରବେଶିକା ପରୀକ୍ଷାକୁ ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗରେ ମେ ୧୨ ତାରିଖରେ ବାତିଲ କରାଯାଇଥିଲା । ସି.ବି.ଆଇ. ଏହି ଘଟଣାର ତଦନ୍ତ କରୁଛି ।

## ବି.ଜେ.ପି. ଆର୍.ଏସ୍. ପୋଲ୍‌ସ

ରାଜ୍ୟସଭା ନିର୍ବାଚନ ନିମନ୍ତେ ବି.ଜେ.ପି. ପକ୍ଷରୁ ଆଉ ଏକ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି । ଦଳ ପକ୍ଷରୁ ମଧ୍ୟପ୍ରଦେଶରୁ ମହେଶ କେଓ୍ୱାଟ୍ ଏବଂ କର୍ଣ୍ଣାଟକରୁ ଡକ୍ଟର ଏମ୍. ନାଗରାଜଙ୍କୁ ପ୍ରାର୍ଥୀ କରାଯାଇଛି । ଦଳ ପକ୍ଷରୁ

କରାଯାଇଥିବା ଘୋଷଣାରେ ଲିଙ୍ଗରାଜ ପାଟିଲ୍ ଏବଂ ରଘୁ କୌଟିଲ୍ୟଙ୍କୁ କର୍ଣ୍ଣାଟକ ବିଧାନ ପରିଷଦ ନିର୍ବାଚନ ନିମନ୍ତେ ପ୍ରାର୍ଥୀ କରାଯାଇଛି ।

## ଇରାନ୍ ଆଟାକ୍ ଇସ୍ରାଏଲ୍

ଇସ୍ରାଏଲ୍ ଉପରେ ଇରାନ୍ କ୍ଷେପଣାସ୍ତ୍ର ମାଡ଼ କରିଛି । ଚଳିତ ବର୍ଷ ଏପ୍ରିଲ୍ ୮ ତାରିଖରେ ଅସ୍ତ୍ରବିରତି ଘୋଷଣା ହେବା ପରେ ଇରାନ୍ ପକ୍ଷରୁ ପ୍ରଥମ ଥରପାଇଁ ଏଭଳି ଆକ୍ରମଣ କରାଯାଇଥିବା ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ ସୂଚନା ଦେଇଛି । ଇରାନ ଗଣମାଧ୍ୟମ ମଧ୍ୟ ଏହି ବିଷୟ ସ୍ପଷ୍ଟ କରିଛି ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, ଇରାନ୍ ଆକ୍ରମଣର ଜବାବରେ କୌଣସି ପ୍ରକାର ଆକ୍ରମଣ ନ କରିବା ଲାଗି ସେ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କୁ କହିବେ । ଶ୍ରୀ ଟ୍ରମ୍ପ କହିଛନ୍ତି, ଇରାନ୍ କ୍ଷେପଣାସ୍ତ୍ର ମାଡ଼ ବନ୍ଦ କରି ବୁଝାମଣାପାଇଁ ଆଗେଇ ଆସିବା ଉଚିତ ।

ଅନ୍ୟପକ୍ଷରେ ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ - ଆଇ.ଡି.ଏଫ୍. ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଇସ୍ରଏଲ୍‌ର ପ୍ରତିରକ୍ଷା ପ୍ରତିରୋଧୀ ବ୍ୟବସ୍ଥା ୨ଟି କ୍ଷେପଣାସ୍ତ୍ରକୁ ନଷ୍ଟ କରିଛି । ତେବେ କ୍ଷେପଣାସ୍ତ୍ର ମାଡ଼ରେ କ୍ଷୟକ୍ଷତି ସମ୍ପର୍କରେ କୌଣସି ସୂଚନା ମିଳି ନାହିଁ ।

ଇରାନ୍‌ର ବାଚସ୍ପତି ମହମ୍ମଦ ବାଘେର ଘାଲିବାଫ୍ ସତର୍କ କରାଇଛନ୍ତି, ଆବଶ୍ୟକ ପଡ଼ିଲେ ଇସ୍ରାଏଲ୍‌ରେ ଥିବା ଆମେରିକାର ଘାଟିଗୁଡ଼ିକ ଉପରେ ଆକ୍ରମଣ କରାଯିବ । ସାମାଜିକ ଗଣମାଧ୍ୟମ ଏକ୍ସ’ରେ ସେ କହିଛନ୍ତି, ୱାଶିଂଟନ ଅସ୍ତ୍ରବିରତିକୁ ଠିକ୍ ଭାବେ ପାଳନ କରୁ ନ ଥିବା ଏବଂ ଆଲୋଚନାପାଇଁ ଆଗ୍ରହ ପ୍ରକାଶ କରୁ ନ ଥିବାରୁ ଶକ୍ତି ପ୍ରୟୋଗ କରିବା ଏକମାତ୍ର ବିକଳ୍ପ ରହିଛି ।

## ଇଣ୍ଡିଆ - ଇଣ୍ଡୋନେସିଆ

ଭାରତର ଆକ୍ଟ ଇଷ୍ଟ ନୀତିରେ ଇଣ୍ଡୋନେସିଆ ଏକ ପ୍ରମୁଖ ସ୍ତମ୍ଭ ବୋଲି ବୈଦେଶିକ ମନ୍ତ୍ରଣାଳୟ କହିଛି । ନୂଆଦିଲ୍ଲୀରେ ଇଣ୍ଡୋନେସିଆ ବୈଦେଶିକ ମନ୍ତ୍ରୀ ସୁଗିଓନୋ ଏବଂ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ମଧ୍ୟରେ ଆଲୋଚନା ପରେ ବୈଦେଶିକ ମନ୍ତ୍ରଣାଳୟ କହିଛି, ଉଭୟ ଦେଶ ମଧ୍ୟରେ ଦୃଢ଼ ସଭ୍ୟତାଗତ ସମ୍ପର୍କ ରହିଛି ଏବଂ ଭାରତ-ଇଣ୍ଡୋନେସିଆ ବ୍ୟାପକ ରଣନୈତିକ ସହଯୋଗ ଉଭୟ ଦେଶର ପ୍ରମୁଖ କ୍ଷେତ୍ରଗୁଡ଼ିକରେ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଦୃଢ଼ କରିପାରିଛି । ଉଭୟ ନେତା ଅଷ୍ଟମ ଭାରତ-ଇଣ୍ଡୋନେସିଆ ଯୁଗ୍ମ କମିଶନସ୍ତରୀୟ ବୈଠକରେ ସହ ଅଧ୍ୟକ୍ଷତା କରି ଭାରତ-ଇଣ୍ଡୋନେସିଆ ଦ୍ୱିପାକ୍ଷିକ ସମ୍ପର୍କ

ବୃଦ୍ଧି ସମେତ ରାଜନୈତିକ, ପ୍ରତିରକ୍ଷା ସୁରକ୍ଷା, ସାମୁଦ୍ରିକ, ବାଣିଜ ଓ ନିବେଶ, ଔଷଧ ଓ ସ୍ୱାସ୍ଥ୍ୟସେବା, ଡିଜିଟାଲ୍, ଶକ୍ତି, ସଂଯୋଗୀକରଣ, ମହାକାଶ, ଶିକ୍ଷା ଆଦି କ୍ଷେତ୍ରର ବିକାଶ ନେଇ ଆଲୋଚନା ହୋଇଛି ।

ଗତବର୍ଷ ଜାନୁୟାରୀରେ ଇଣ୍ଡୋନେସିଆ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗରେ ବୈଠକ କରିବା ସହ ଉଭୟ ନେତା ସହଯୋଗ ବୃଦ୍ଧି ଲାଗି ପ୍ରତିବଦ୍ଧତା ପ୍ରକାଶ କରିଥିଲେ ।

## ୱେଷ୍ଟବେଙ୍ଗଲ - ବାଂଲାଦେଶ

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ରାଜ୍ୟର ସୀମାନ୍ତ ଜିଲ୍ଲାଗୁଡ଼ିକରେ ସ୍ଥାପିତ ହୋଲ୍‌ଡିଂ ସେଣ୍ଟରରୁ ୪ ହଜାର ୮ ଶହ ଅବୈଧ ପ୍ରବାସୀଙ୍କୁ ବାଂଲାଦେଶ ପଠାଯାଇଛି । ଆହୁରି ୮୩୬ ଜଣଙ୍କୁ ଖୁବ୍‌ଶୀଘ୍ର ପଠାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ସେ କହିଛନ୍ତି, ଅବୈଧ ପ୍ରବାସ ଏକ ପ୍ରମୁଖ ସମସ୍ୟା ପାଲଟିଥିବାବେଳେ ତାଙ୍କ ସରକାର ଭାରତ-ବାଂଲାଦେଶ ସୀମାରେ ୫୫୬ କିଲୋମିଟର ଅଞ୍ଚଳରୁ ଏବେ ୧୦୦ କିଲୋମିଟର ଅଞ୍ଚଳରେ ତାରବାଡ଼ ସ୍ଥାପନପାଇଁ ସୀମା ସୁରକ୍ଷାବଳକୁ ଜମି ହସ୍ତାନ୍ତର କରିଛନ୍ତି । କେନ୍ଦ୍ର ସରକାରଙ୍କ ନାଗରିକତା ସଂଶୋଧନ ଆଇନ ଅନୁଯାୟୀ

ଯେଉଁମାନେ ଦେଶରେ ରହିବାଲାଗି ଅଯୋଗ୍ୟ, ସେଭଳି ଅବୈଧ ପ୍ରବାସୀଙ୍କୁ ସେମାନଙ୍କ ଦେଶକୁ ପଠାଇବା ଉପରେ ତାଙ୍କ ସରକାର ଗୁରୁତ୍ୱ ଦେଉଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀ କହିଛନ୍ତି । ସେ କହିଛନ୍ତି, ପଶ୍ଚିମବଙ୍ଗରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଗୃହ ସର୍ଭେ କାର୍ଯ୍ୟ ଅଗଷ୍ଟ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଅନ୍ନପୂର୍ଣ୍ଣା ଯୋଜନାରେ ରାଜ୍ୟର ୫୦ ଲକ୍ଷ ମହିଳାଙ୍କୁ ସରକାର ୩ ହଜାର ଟଙ୍କା ଲେଖାଏଁ ପଠାଇଥିବା ସେ କହିଛନ୍ତି ।

## ଗଭ-୧୨ ଇୟର୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨ ବର୍ଷର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ସବ୍ କା ସାଥ୍, ସବ୍ କା ବିକାଶ, ସବ୍ କା ବିଶ୍ୱାସ ଏବଂ ସବ୍ କା ପ୍ରୟାସ ସିଦ୍ଧାନ୍ତରେ ଭାରତରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ମୋଦି ସରକାର ଗରିବ, କୃଷକ, ମହିଳା ଏବଂ ଯୁବକମାନଙ୍କ କଲ୍ୟାଣ ଓ ସଶକ୍ତିକରଣ ପାଇଁ ଅନେକଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ଆକାଶବାଣୀ ସମ୍ବାଦ ବିଭାଗ ସରକାରଙ୍କ ୧୨ ବର୍ଷର କାର୍ଯ୍ୟକାଳରେ ଗ୍ରହଣ କରାଯାଇଥିବା ବିଶେଷ ପଦକ୍ଷେପଗୁଡ଼ିକ ଉପରେ ସ୍ୱତନ୍ତ୍ର ରିପୋର୍ଟ ପ୍ରସ୍ତୁତ କରୁଛି । ଆଜି

ଆସନ୍ତୁ ଜାଣିବା ପରିବେଶ ସଂରକ୍ଷଣ ଦିଗରେ ସରକାରଙ୍କଦ୍ୱାରା ଗ୍ରହଣ କରାଯାଇଥିବା କେତେକ ପଦକ୍ଷେପ ସମ୍ପର୍କରେ...

ଗତ ୧୨ ବର୍ଷରେ ଭାରତ ସମାବେଶୀ ପରିବେଶ ପରିବର୍ତ୍ତନକୁ ସୁଚାରୁରୂପେ କାର୍ଯ୍ୟରେ ପରିଣତ କରିବା ଲାଗି ଅନେକଗୁଡ଼ିଏ ନୀତିଗତ ନିଷ୍ପତ୍ତି ନେଇଥିବାବେଳେ ସେଗୁଡ଼ିକ ଯେଭଳି ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ହୋଇପାରିବ, ସେ ଦିଗରେ ଆନୁଷଙ୍ଗିକ ବ୍ୟବସ୍ଥା କରିଛନ୍ତି । ଦେଶରେ ଜଙ୍ଗଲ ଜମି ପରିମାଣ ବୃଦ୍ଧି ପାଇଥିବାବେଳେ ଆର୍ଦ୍ରଭୂମି ସଂରକ୍ଷଣ ଓ ହେନ୍ତାଳବନ ପୁନରୁଦ୍ଧାର ସହ ଉପକୂଳ ପରିସଂସ୍ଥାନ ଓ ନଦୀ ପୁନରୁଦ୍ଧାର ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ଗଙ୍ଗାନଦୀ ସମେତ ଏହାର ଶାଖାନଦୀଗୁଡ଼ିକରେ ପ୍ରଦୂଷଣ ହ୍ରାସ କରିବା ଉଦ୍ଦେଶ୍ୟରେ ୨୦୧୪ରେ ନମାମୀ ଗଙ୍ଗେ ଯୋଜନାର ଆରମ୍ଭ କରାଯାଇଥିଲା । ଏହା ଅଧୀନରେ ୫୨୪ଟି ପ୍ରକଳ୍ପ ମଧ୍ୟରୁ ଗତ ଫେବୃୟାରୀ ସୁଦ୍ଧା ୩୫୫ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ଆକାଶବାଣୀ ସମ୍ବାଦ ବିଭାଗକୁ ସୌରଭ ଗୁପ୍ତା କହିଛନ୍ତି, ନମାମି ଗଙ୍ଗେ ପ୍ରକଳ୍ପଦ୍ୱାରା ଗଙ୍ଗାନଦୀର ସ୍ୱଚ୍ଛତାରେ ଉଲ୍ଲେଖନୀୟ ଉନ୍ନତି ଘଟିଛି ।

୨୦୧୫ ମସିହାରେ ଆରମ୍ଭ ହୋଇଥିବା ସବୁଜ ଭାରତ ମିଶନରେ ଜଙ୍ଗଲ ଓ ପରିବେଶ ପୁନରୁଦ୍ଧାରପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ଦେଶର ୨୫ ପ୍ରତିଶତ, ଯାହା ୮ ଲକ୍ଷ ୨୭ ହଜାର ବର୍ଗ କିଲୋମିଟର ଭୌଗୋଳିକ କ୍ଷେତ୍ରକୁ ଦର୍ଶାଉଛି, ସେଥିରେ ଜଙ୍ଗଲ ଏବଂ ବୃକ୍ଷରାଜିର ବିକାଶ କରାଯାଇ ଭାରତ ବିଶ୍ୱ ଜଙ୍ଗଲ ପରିସଂଖ୍ୟାରେ ନବମ ସ୍ଥାନକୁ ଉନ୍ନୀତ

ହୋଇଛି । ୨୦୨୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଏକ୍ ପେଡ୍ ମା' କେ ନାମ ଅଭିଯାନ' ବିଶ୍ୱର ସର୍ବବୃହତ୍ ସାର୍ବଜନୀନ ପରିବେଶ ଆନ୍ଦୋଳନ ପାଲଟିଛି । ଗତବର୍ଷ ଡିସେମ୍ବର ସୁଦ୍ଧା ଦେଶରେ ୨୬୨ କୋଟିରୁ ଅଧିକ ଚାରା ରୋପଣ କରାଯାଇଛି ।

୨୦୨୨ ମସିହାରେ ସରକାରଙ୍କଦ୍ୱାରା ଆରମ୍ଭ ହୋଇଥିବା ମିଶନ ଲାଇଫ୍ ଅଧୀନରେ ପରିବେଶ ଆଧାରିତ ଜୀବନଶୈଳୀ ଆପଣାଇବା ଲାଗି ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ଆନ୍ତର୍ଜାତିକ ସ୍ତରରେ ଭାରତର ସ୍ଥିତିକୁ ମଜବୁତ କରିଛି । ଦେଶ ଅଙ୍ଗାରକ ନିର୍ବାପନ କ୍ଷେତ୍ରରେ ନିର୍ଦ୍ଧାରିତ ସମୟ ପୂର୍ବରୁ ଲକ୍ଷ୍ୟ ହାସଲ କରିପାରିଛି । ୨୦୧୫ ମସିହାରେ ଆରମ୍ଭ ହୋଇଥିବା ଆନ୍ତର୍ଜାତିକ ସୌରମେଣ୍ଟରେ ଭାରତର ପ୍ରମୁଖ ଭୂମିକା ବିଶ୍ୱ ସ୍ତରରେ ଜଳବାୟୁ ଏବଂ ସ୍ୱଚ୍ଛଶକ୍ତି କ୍ଷେତ୍ରରେ ସଫଳ ଭାବେ କାର୍ଯ୍ୟ କରୁଛି ।

*****